# ପିଲାଙ୍କ ଧରିତ୍ରୀ

ଶନିବାର , ୨୫ ଅକ୍ଟୋବର, ୨୦୨୫



# ଖିଲି ଖିଲି ହସ

ସୋନୁ: ବୁଝିଲୁ ମୋନୁ, ଡେଙ୍ଗା ହୋଇ ଭାରି ଅସୁବିଧା ହୋଇଗଲା।
ମୋନୁ: କେମିତି ?
ସୋନୁ: ଯେତେବେଳେ, ଘରେ ଛାତରେ କିମ୍ବା ଉଚ୍ଚ କାନ୍ଥରେ ବୁଢ଼ିଆଣୀ ଜାଲ ହୋଇଯାଉଛି ମା’ ମୋତେ ସଙ୍ଗେ ସଙ୍ଗେ କହୁଛି ସବୁଯାକ ତୁ ସଫା କରିବୁ। ସଫା କରି କରି ମୋ ଦିନ ସରିଯାଉଛି।

ସୋହନ: ଦେଖ୍, ଆଜି ମୋ ପାଖରେ ଫୁଲଝରି, ତାଳଫୋଟକା, କୁମ୍ଭି, ରକେଟ୍‌ବାଣ ସବୁ କିଛି ଅଛି, ତୋ ପାଖରେ କ’ଣ ଅଛି ?
ମୋହନ : ତୁ ଜାଣିନୁ, ମୋ’ ପାଖରେ ଏମିତି ଜିନିଷ ଅଛି, ଯାହା ଲଗାଇଲା ମାନେ ସବୁକିଛି ଖତମ୍ ଜାଣେ।
ସୋହନ: ଏମିତି କ’ଣ ଅଛି ତୋ’ ପାଖରେ ?
ମୋହନ: ମ୍ୟାଚିସ୍ ?

# ଅନ୍ୟାୟର ଅନୁଭବ




## ଗପ

ଇରାନର ଏକ ଶିକ୍ଷାକେନ୍ଦ୍ରରେ ବିଭିନ୍ନ ପରିବେଶର ଛାତ୍ର ଶିକ୍ଷାଗ୍ରହଣ କରିବାକୁ ଆସୁଥିଲେ। ସେଥିରେ ସେହି ସମୟର ଶାସକଙ୍କ ପୁତ୍ର ଖୁସରୋ ମଧ୍ୟ ସାମିଲ ଥିଲେ। ଶିକ୍ଷାକେନ୍ଦ୍ରରେ ଗୁରୁ, ଶିଷ୍ୟମାନଙ୍କୁ ମୋହ, ହର୍ଷ, ନ୍ୟାୟ, ରାଗ-ଦ୍ୱେଷ, ଅହଂକାର ଭଳି ଗୂଢ଼ ବିଷୟର ସହିତ ସମସ୍ତ ଶାସ୍ତ୍ର ଆଦି ବିଦ୍ୟାରେ ପାରଙ୍ଗମ କରିବା ପାଇଁ ପ୍ରତିବଦ୍ଧ ଥିଲେ। ସେସବୁ ଶିଷ୍ୟଙ୍କ ସହିତ ସମାନ ବ୍ୟବହାର କରୁଥିଲେ। ଦିନେ ଖୁସରୋଙ୍କୁ ଗୁରୁ ଅକାରଣରେ ହିଁ କଠୋର ଦଣ୍ଡ ଦେଲେ। ଏହି କାରଣରୁ ସେହି ସମୟରୁ ଦୀର୍ଘଦିନ ଯାଏ ତାଙ୍କ ମନରେ ଗଭୀର ଆଘାତ ଲାଗିଥିଲା। ବହୁବର୍ଷ ପରେ ନିଜ ପିତାଙ୍କ ପରେ ଦିନେ ସେ ରାଜ ଗାଦିରେ ବସିଲେ। ରାଜ ଗାଦି ଉପରେ ବସିଲା କ୍ଷଣି ସେ ସର୍ବ ପ୍ରଥମେ ନିଜର ଗୁରୁଙ୍କୁ ରାଜମହଲକୁ ଆସିବା ପାଇଁ ଆମନ୍ତ୍ରିତ କଲେ। ଗୁରୁ ଯେତେବେଳେ ଆସି ରାଜମହଲରେ ପହଞ୍ଚିଲେ ଆଉ ସେ ତାଙ୍କର ଯଥୋଚିତ ଆଦର ସତ୍କାର କଲେ। ଆଉ ତା’ପରେ ତାଙ୍କୁ ପଚାରିଲେ, ବହୁବର୍ଷ ତଳେ ଆପଣ କେଉଁ ଅପରାଧ ପାଇଁ ମୋତେ କଠୋର ଦଣ୍ଡ ଦେଇଥିଲେ ? ଗୁରୁ କହିଲେ, ଅପରାଧ ତୁମର କିଛି ନ ଥିଲା ! ଏହାଶୁଣି ଖୁସରୋଙ୍କୁ ବହୁତ ଖରାପ ଲାଗିଲା। ତା’ପରେ ସେ କହିଲେ, ଗୁରୁଦେବ ! ତେବେ ଆପଣ ମୋତେ କାହିଁକି କଠୋଇ ଦଣ୍ଡ ହେଲେ ? ଆପଣ ତ ଭଲ ଭାବରେ ଜାଣିଥିଲେ କି ମୁଁ କୌଣସି ଭୁଲ୍ କିମ୍ବା ଅପରାଧ କରି ନ ଥିଲି। ଏହା ଶୁଣି ଗୁରୁ ଉତ୍ତର ଦେଲେ, ଯେତେବେଳେ ମୁଁ ତୁମର ବୁଦ୍ଧିମତ୍ତାକୁ ଦେଖିଲି ସେତେବେଳେ ମୁଁ ଏହା ଜାଣିଗଲି ଯେ ଦିନେ ନା ଦିନେ ତୁମେ ନିଜର ପିତାଙ୍କ ସାମ୍ରାଜ୍ୟର ଉତ୍ତରାଧିକାରୀ ହେବ। ସେତେବେଳୁ ମୁଁ ସିଦ୍ଧାନ୍ତ କଲି କି ତୁମକୁ ଏହି କଥାର ଜ୍ଞାନ ହେବା ଦରକାର କି କୌଣସି ବ୍ୟକ୍ତି ସହ କରାଯାଇଥିବା ଅନ୍ୟାୟ ତା’ ହୃଦୟରେ ଛାପି ହୋଇ ରହିଥାଏ। ତେଣୁ ମୁଁ ଆଶା କରୁଛି ତୁମେ କୌଣସି ବ୍ୟକ୍ତିକୁ ବିନା କିଛି କାରଣରେ କେବେ ପ୍ରତାଡ଼ିତ କରିବ ନାହିଁ।

**– ମନୋଜ କୁମାର ବେହେରା**
ବାୟାବାବା ମଠ ଲେନ୍, ୟୁନିଟ୍-୯, ଭୁବନେଶ୍ୱର
ମୋ: ୭୯୭୮୮୩୦୬୧୧

ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ
Printed and published by Adyasha Satpathy on behalf of Navajat Printers & Media Pvt.Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,

# ମାଇକ୍ରୋ ରେଷ୍ଟ



ପାଠ ପଢିବାବେଳେ ଅନେକ ସମୟରେ ପିଲାଙ୍କୁ ନିଦ ଲାଗେ। ଏହି ଅବସ୍ଥାରେ ପାଠ ପଢି ହୁଏନି। ଚେଷ୍ଟା କଲେ ବି ଭଲଭାବରେ ପାଠରେ ମନ ଲଗାଇ ହୁଏନି ଓ କିଛି ମନେ ରହେନି। ତେଣୁ ଏଭଳି ଅବସ୍ଥାରେ ଜରୁରୀ ମାଇକ୍ରୋ ରେଷ୍ଟ। ଅର୍ଥାତ୍ ଅଳ୍ପ ସମୟ ପାଇଁ ନିଦ ବା ରେଷ୍ଟ। ଏହି ଅଳ୍ପ ସମୟର ବିରତି ମଧ୍ୟ ସ୍ମରଣ ଶକ୍ତିକୁ ବୃଦ୍ଧି କରିଥାଏ।

‘ନେଚର ରିଭ୍ୟୁଜ୍ ସାଇକୋଲୋଜି’ ଜର୍ନାଲ ଅନୁସାରେ ଅଳ୍ପ ସମୟର ନିଦ ସ୍ମୃତି ଶକ୍ତିକୁ ବଢାଇ ଥାଏ। ଏମିତିକି ମାତ୍ର ୨ ମିନିଟ୍ ପାଇଁ ଆଖି ବନ୍ଦ କରି ବିଶ୍ରାମ ନେଲେ ତାହା ରାତିର ନିଦ ଭଳି ଉପକାରୀ ହୋଇଥାଏ।

କିଛି ବର୍ଷ ଧରି ବୈଜ୍ଞାନିକମାନେ ରିସର୍ଚ୍ଚ କରିବା ପରେ ଜଣାଇଛନ୍ତି ଯେ, ନିଦ ଆମକୁ ସୂଚନା ମନେ ରଖିବାରେ ସାହାଯ୍ୟ କରେ। ସେଥିପାଇଁ ଯଦି କିଛି ନୂଆ କଥା ଶିଖିବା ପରେ ଶୀଘ୍ର ଭଲ ନିଦରେ ଶୋଇଥାନ୍ତି ତା’ହେଲେ ପରଦିନ ମନେ ରଖିବାର କ୍ଷମତା ବଢିଥାଏ। କାରଣ ନିଦ ନୂଆ କଥାକୁ ପୁନରାବୃତ୍ତି ବା ମଜଭୁତ କରିଥାଏ। ଏହା ମସ୍ତିଷ୍କକୁ ଦୀର୍ଘ ସମୟ ପାଇଁ ସ୍ମୃତି ସଂରକ୍ଷଣ କରିବାକୁ ଅନୁମତି ଦେଇଥାଏ। ଏହି କଥାକୁ ବିଜ୍ଞାନ ପଦ୍ଧତିରେ ସହଜରେ ବୁଝିହେବ। ପ୍ରଥମେ କୌଣସି ବିଷୟରେ ପଢିଲେ ଅବା ଜାଣିଲେ ତାହା ମସ୍ତିଷ୍କର ହିପୋକ୍ୟାମ୍ପସ୍‌ରେ ରହିଥାଏ, ଯାହାକୁ କୁଇକ୍ ଆକ୍‌ସେସ୍ ମେମୋରି କୁହାଯାଏ। କିନ୍ତୁ ନିଦରେ ଶୋଇପଡିବା ପରେ ହିପୋକ୍ୟାମ୍ପସ୍ ସେହିସବୁ ତଥ୍ୟକୁ କର୍ଟେକ୍ସ ନିକଟକୁ ପ୍ରେରଣ କରିଥାଏ, ଯାହାକୁ ଲଙ୍ଗ୍ ଟର୍ମ ଷ୍ଟୋରେଜ୍ କୁହାଯାଏ। ତେଣୁ କୌଣସି କଥାକୁ ମନେ ରଖିବା ପାଇଁ ନିଦ ଜରୁରୀ।

# ମତାମତ

▸▸ ପ୍ରତିଭାରେ ‘ଆୟୁଷ୍ମାନ୍ ମହାନ୍ତି’ କିପରି ଜାତୀୟ ସ୍ତରରେ ତାଙ୍କ ନାମକୁ ପରିଚିତ କରାଇ ପାରିଛନ୍ତି, ସେ ବିଷୟରେ ଜାଣିହେଲା।

**– ସ୍ନେହାଲ ରାୟ, କେନ୍ଦୁଝର**

▸▸ ପିଲାମାନେ କିପରି ଇକୋଫ୍ରେଣ୍ଡ୍‌ଲୀ ଦୀପାବଳି ପାଳିଲେ ସେ ସମ୍ପର୍କରେ ଜାଣିଲି।


**– ମିତାଲି ମହାନ୍ତି, ରାଉରକେଲା**

▸▸ ତୁମ ତୂଳୀରେ ପ୍ରକାଶିତ ଚିତ୍ରଗୁଡ଼ିକ ସୁନ୍ଦର ହୋଇଥିଲା।
– ମୁକେଶ ରାଉତ, ରାୟଗଡ଼ା

▸▸ କହିଲ ଦେଖି ସ୍ତମ୍ଭଟି ପଢ଼ିବାକୁ ମଜା ଲାଗୁଛି।

**– ରୋହନ ନାୟକ, ନୟାଗଡ଼**

# ରଙ୍ଗ ଦିଅ



# ସୂଚନା

ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ(ହାଇ ରିଜଲ୍ୟୁଶନ୍ ଥିବା) ସହ ପୁରା ନାମ, ବୟସ, ଠିକଣା ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ। ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ-ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**
dharitrifeature@gmail.com

# ଶିଶୁ ପ୍ରତିଭା

# ଯୋଗକନ୍ୟା ଶୁଭଶ୍ରୀ



ବୟସ ମାତ୍ର ୧୨ ବର୍ଷ। କିନ୍ତୁ ଯୋଗାସନ କ୍ଷେତ୍ରରେ ତାଙ୍କର ପ୍ରତିଭା ଅସାଧାରଣ। ଯୋଗର ବହୁ କଷ୍ଟକର ଆସନକୁ ବେଶ୍ ସୁନ୍ଦରଭାବରେ ପ୍ରଦର୍ଶନ କରିପାରନ୍ତି ସେ। ସେଥିପାଇଁ ତ ଲଗାତର ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିବା ସହିତ ଯୋଗ ପ୍ରଶିକ୍ଷିକା ହୋଇ ପାରିଛନ୍ତି। ଏହି କୁନି ପ୍ରତିଭାଜଣକ ହେଉଛନ୍ତି ସାଇ ଶୁଭଶ୍ରୀ ସାହୁ। ଘର କଟକର ବାଙ୍କୀସ୍ଥିତ ଗୋପାଳପୁରରେ। ବାପାଙ୍କ ନାଁ ବିଚିତ୍ର କୁମାର ସାହୁ ଓ ମା'ଙ୍କ ନାମ ଶୁଭଦ୍ରା ସାହୁ।

ଶୁଭଶ୍ରୀ ଏବେ ସରସ୍ୱତୀ ଶିଶୁ ମନ୍ଦିରରେ ସପ୍ତମ ଶ୍ରେଣୀରେ ପଢୁଛନ୍ତି। ହେଲେ ତୃତୀୟ ଶ୍ରେଣୀରେ ପଢିବା ବେଳରୁ ସେ ଯୋଗ ଶିଖିବା ଆରମ୍ଭ କରିଥିଲେ। ଏତେ କମ୍ ବୟସରୁ ଯୋଗ ଶିକ୍ଷିବା ପାଇଁ ସେ ତାଙ୍କ ବାପାଙ୍କଠାରୁ ପ୍ରେରଣା ପାଇଥିଲେ। କାରଣ ତାଙ୍କ ବାପା ବିଚିତ୍ର ହେଉଛନ୍ତି ଜଣେ ଯୋଗ ଶିକ୍ଷକ। ତେଣୁ ଛୋଟବେଳୁ ବିଭିନ୍ନ ପ୍ରକାରର ଯୋଗ ଆସନ ଆଦି ଅଭ୍ୟାସ କରିବାର ସୁଯୋଗ ପାଇଥିଲେ ଶୁଭଶ୍ରୀ। ଯୋଗପ୍ରତି ତାଙ୍କର ଆକର୍ଷଣ ଦେଖି ଘର ଲୋକେ ତାଙ୍କୁ ବିଧିବଦ୍ଧ ଶିକ୍ଷା ଦେବାକୁ ନିଷ୍ପତ୍ତି ନେଇଥିଲେ। ଯୋଗଗୁରୁ ଏସିଆନ୍ ଗୋଲ୍ଡ ମେଡାଲିଷ୍ଟ ଚନ୍ଦ୍ରକାନ୍ତ ବାରିକଙ୍କ ପାଖରେ ଏବେ ସେ ଯୋଗ ଶିକ୍ଷା ନେଉଛନ୍ତି। ଦିନ କେଇଟା ଭିତରେ ଏହି କ୍ଷେତ୍ରରେ ସେ ବେଶ୍ ପାରଙ୍ଗମ ହୋଇଉଠିଥିଲେ। ତାଙ୍କ ପ୍ରତିଭା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥିଲା। ତେଣୁ ତୃତୀୟ ଶ୍ରେଣୀରେ ପଢିବା ସମୟରେ ସେ ପ୍ରଥମେ ବ୍ଲକ ଓ ପରେ ଜିଲା ତଥା ରାଜ୍ୟସ୍ତରୀୟ ଯୋଗ ପ୍ରତିଯୋଗିତାରେ ମଧ୍ୟ ଭାଗ ନେଇଥିଲେ। ଆଉ ସବୁ ସ୍ଥାନରେ କୃତିତ୍ୱର ସହିତ ସଫଳତା ହାସଲ କରି ସେ ସମସ୍ତଙ୍କ ପ୍ରିୟପାତ୍ରୀ ହୋଇ ପାରିଥିଲେ।

ଲଗାତର ଭାବେ ସେ ୫ ବର୍ଷ ହେଲାଣି ରାଜ୍ୟସ୍ତରୀୟ ଯୋଗାସନ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରି ଆସୁଛନ୍ତି। ରାଜ୍ୟ ସ୍ତରରେ ୨୦୨୨ରେ ମାତ୍ର ୮ ବର୍ଷ ବୟସରେ ସେ ଓଡ଼ିଶା ଯୋଗ ଆସୋସିଏଶନ୍ କଟକ ପକ୍ଷରୁ ଆୟୋଜିତ ଚାମ୍ପିୟନଶିପ୍‌ରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ୨୦୨୩ରେ ମ୍ୟାଡ୍ ଡ୍ୟାନ୍ସ ଏକାଡେମୀ ପକ୍ଷରୁ ଟ୍ୟାଲେଣ୍ଟ ବୁଜ୍ – ୨୦୨୩, ୨୦୨୪ରେ ପଞ୍ଚମ ଯୋଗାସନ ସ୍ପୋର୍ଟସ ଆସୋସିଏଶନ୍ ଅଫ୍ କଟକ ୨୦୨୫, କଟକର ଓଡ଼ିଶା ଯୋଗ ଆସୋସିଏଶନ୍ ପକ୍ଷରୁ ଆୟୋଜିତ ପ୍ରତିଯୋଗିତାରେ ପ୍ରଥମ ହୋଇ ପୁରସ୍କୃତ ହୋଇଛନ୍ତି। ରାଜ୍ୟସ୍ତରରୁ ଚାମ୍ପିୟନ ହୋଇ ଏବେ ସେ ପୁଣି ଥରେ ନ୍ୟାଶନାଲ୍ ଖେଳିବା ନିମନ୍ତେ ମହାରାଷ୍ଟ୍ର ଯିବେ। ଏହା ବ୍ୟତୀତ ଓଡ଼ିଆ ଟେଲିଭିଜନ୍ ରିୟଲିଟି ଶୋ' ଦିଦି ନଂ–୧ରେ ମଧ୍ୟ ଭାଗ ନେଇ ସେ ନିଜ କଳା ପ୍ରତିଭା ପ୍ରଦର୍ଶନ କରି ପାରିଛନ୍ତି।

ଜାତୀୟ ସ୍ତରରେ ମଧ୍ୟ ସେ ବିଭିନ୍ନ କାର୍ଯ୍ୟକ୍ରମରେ ଭାଗ ନେଇ କୃତିତ୍ୱ ହାସଲ କରିଛନ୍ତି। ୨୦୨୨ରେ ସେ ପ୍ରଥମେ ପଞ୍ଜାବ ଯୋଗ ଆସୋସିଏଶନ୍ ପକ୍ଷରୁ ଆୟୋଜିତ ସବ୍ ଜୁନିୟର ଆଣ୍ଡ ଜୁନିୟର ନ୍ୟାଶନାଲ୍ ଯୋଗାସନ ସ୍ପୋର୍ଟ୍ସ ଚାମ୍ପିୟନଶିପ୍‌ରେ ଭାଗ ନେଇ ମେଡାଲ ହାସଲ କରିଥିଲେ। ୨୦୨୩ ଯୋଗ ଫେଡେରେଶନ୍ ଅଫ୍ ଇଣ୍ଡିଆ ପକ୍ଷରୁ ସେ ହରିୟାଣା, ପଶ୍ଚିମବଙ୍ଗ ଓ ଆସାମର ଗୁଆହାଟୀରେ ମଧ୍ୟ ଯୋଗ ପ୍ରତିଯୋଗିତାରେ ଭାଗ ନେଇଥିଲେ। ୨୦୨୨ରେ ଯୋୟଲାଖୀ ପେଇଂ ଯୋଗ ଏକାଡେମି ପକ୍ଷରୁ ଆୟୋଜିତ ଯୋଗ ପ୍ରତିଯୋଗିତାରେ ଭାଗ ନେଇ ସଫଳ ହୋଇଥିବାରୁ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ମଧ୍ୟ ତାଙ୍କ ନାମ ସ୍ଥାନ ପାଇଛି। ଏବେ ସେ ବିଭିନ୍ନ ସ୍ଥାନରେ ଯୋଗ ଶିକ୍ଷା ମଧ୍ୟ ଦେଉଛନ୍ତି। ତେବେ ଯୋଗାସନ କ୍ଷେତ୍ରରେ ଏତେ ସଫଳ ହୋଇପାରିଥିବା ଶୁଭଶ୍ରୀ ଭଲ ଓଡ଼ିଶୀ ନୃତ୍ୟ ମଧ୍ୟ କରୁଛନ୍ତି। ଭବିଷ୍ୟତରେ ଜଣେ ଭଲ ଯୋଗ ପ୍ରଶିକ୍ଷକ ସହିତ ଯୋଗକୁ ଅଧିକ ପ୍ରସାର କରିବା ନିମନ୍ତେ ସେ ଲକ୍ଷ୍ୟ ରଖିଛନ୍ତି।

– **ସସ୍ମିତା ନାୟକ**





# ପିଲାଙ୍କ ପାଇଁ ଯୋଗ

**ପ୍ରତିଦିନ କିଛି ସମୟ ଯୋଗ କରିବା ପିଲାଙ୍କ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟ ପାଇଁ ଯେତିକି ଉପକାରୀ ବୌଦ୍ଧିକ ବିକାଶ ଲାଗି ମଧ୍ୟ ସେତିକି ଲାଭଦାୟକ ...**

## ଶାରୀରିକ ଲାଭ

- ବର୍ତ୍ତମାନ ଅଧିକାଂଶ ପିଲାଙ୍କଠାରେ ଖାଦ୍ୟପେୟ ଅସନ୍ତୁଳନ ଏବଂ ଶାରୀରିକ ପରିଶ୍ରମ ଅଭାବ ଯୋଗୁ ମେଦବହୁଳତା ସମସ୍ୟା ଦେଖିବାକୁ ମିଳୁଛି। ହେଲେ ପ୍ରତିଦିନ ଯୋଗ କରିବା ଦ୍ୱାରା ଓଜନ ନିୟନ୍ତ୍ରିତ ସ୍ତରରେ ରହିବା ସହିତ ସ୍ୱାସ୍ଥ୍ୟ ଠିକ୍ ରହିଥାଏ।
- ପାଠ ପଢିବା ଲାଗି ହେଉ ଅବା ମୋବାଇଲ୍, କମ୍ପ୍ୟୁଟର ଆଦି ବ୍ୟବହାର ଲାଗି ଅଧିକାଂଶ ପିଲା ଗୋଟିଏ ସ୍ଥାନରେ ଦୀର୍ଘ ସମୟ ବସି ରହୁଥିବାରୁ ଅଣ୍ଟା, ବେକ, ପିଠି ଆଦି ସ୍ଥାନରେ ଅଳ୍ପ ବୟସରୁ ଯନ୍ତ୍ରଣା ଦେଖିବାକୁ ମିଳୁଛି। ହେଲେ ପ୍ରତିଦିନ ଯୋଗ କଲେ ସମ୍ପୂର୍ଣ୍ଣ ଶରୀରର କସରତ ହୋଇଥାଏ, ଯଦ୍ଦ୍ୱାରା ମାଂଶପେଶୀ ଏବଂ ସ୍ନାୟୁ ମଜଭୁତ ହୋଇଥାଏ। ଦୀର୍ଘସମୟ ବସିବା ଯୋଗୁ ହେଉଥିବା ଯନ୍ତ୍ରଣା ବି ଦୂର ହୋଇଥାଏ।
- ଶରୀରରେ ରକ୍ତ ସଞ୍ଚାଳନ ଠିକ୍ ଭାବେ କରାଇବାରେ ଯୋଗ ଏବଂ ପ୍ରାଣାୟମ ଖୁବ୍ ଭଲ। ଯାହାକି ପିଲାଙ୍କ ହୃତ୍‌ପିଣ୍ଡ, ଫୁସ୍‌ଫୁସ୍ ଏବଂ ମସ୍ତିଷ୍କ ସୁସ୍ଥ ରଖିଥାଏ।
- ବର୍ତ୍ତମାନ ଅଧିକାଂଶ ପିଲା ଜଙ୍କ୍‌ଫୁଡ୍, ଫାଷ୍ଟଫୁଡ୍ ଭଳି ଖାଦ୍ୟ ଅଧିକ ଖାଉଥିବାରୁ ଅଳ୍ପ ବୟସରୁ ବଦହଜମି, ଗ୍ୟାସ୍, ଏସିଡିଟି ଭଳି ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ହେଲେ ସନ୍ତୁଳିତ ଖାଦ୍ୟ ଖାଇବା ସହ ପ୍ରତିଦିନ ଯୋଗ କରିବା ଦ୍ୱାରା ଶରୀରକୁ ଆବଶ୍ୟକ ମାତ୍ରାରେ ଅମ୍ଳଜାନ ମିଳୁଥିବାରୁ ପାଚନକ୍ରିୟା ଠିକ୍ ଭାବେ ହୋଇଥାଏ ଏବଂ ଏଭଳି ସମସ୍ୟା ଆଦୌ ଦେଖା ଦେଇ ନ ଥାଏ।
- ସର୍ବୋପରି ଯୋଗ କରିବା ଦ୍ୱାରା ପିଲାଙ୍କଠାରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଥାଏ।



## ମାନସିକ ଲାଭ


- ପାଠପଢ଼ାକୁ ନେଇ ଅନେକ ପିଲା ବର୍ତ୍ତମାନ ମାନସିକ ଚାପରେ ରହୁଥିବା ଦେଖିବାକୁ ମିଳୁଛି। ଏମିତିରେ ମାନସିକ ଚାପ ଦୂର କରି ସ୍ମରଣଶକ୍ତି ବୃଦ୍ଧି କରିବାରେ ଯୋଗ, ଧ୍ୟାନ ଓ ପ୍ରାଣାୟମ ଖୁବ୍ ଲାଭଦାୟକ ହୋଇଥାଏ। ଏହାଦ୍ୱାରା କାର୍ଯ୍ୟଦକ୍ଷତା ମଧ୍ୟ ବଢ଼ିଥାଏ। କେବଳ ଏତିକି ନୁହେଁ, ଏହା ଦ୍ୱାରା କ୍ଷରଣ ହେଉଥିବା ହର୍‌ମୋନ ଶରୀରକୁ ଉର୍ଜା ପ୍ରଦାନ କରିବା ସହ ଶରୀରକୁ ଫୁର୍ତ୍ତି ରଖିଥାଏ।
- ଅଧିକ ସମୟ ଇଲେକ୍ଟ୍ରୋନିକ୍ସ ଗ୍ୟାଜେଟ୍ ବ୍ୟବହାର ଯୋଗୁ ଅନେକ ପିଲାଙ୍କ ଠାରେ ଚିଡିଚିଡା ସ୍ୱଭାବ, ପାଠ ପଢାରେ ମନ ନ ଲାଗିବା, ବାରମ୍ବାର ପାଠ ଭୁଲିଯିବା ଆଦି ଲକ୍ଷଣ ଦେଖିବାକୁ ମିଳୁଛି। ହେଲେ ଯୋଗ, ଧ୍ୟାନ ଆଦି କରିବା ଦ୍ୱାରା ମନ ସ୍ଥିର ରହିଥାଏ, ଏକାଗ୍ରତା, ସ୍ମରଣଶକ୍ତି ବୃଦ୍ଧି ପାଇଥାଏ ଏବଂ ସମ୍ପୂର୍ଣ୍ଣ ବୌଦ୍ଧିକ ବିକାଶ ହୋଇଥାଏ।



୧


୨


୩


୪


୫


୬



**ଅମାୟରା ପଣ୍ଡା**
କ୍ଲାସ-୧, ଡିଏଭି ପବ୍ଲିକ ସ୍କୁଲ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର
୧

**ସିକୁନ ଶୁଭାଶିଷ ସାହୁ**
କ୍ଲାସ- ୭, ଓଡିଶା ଆଦର୍ଶ ବିଦ୍ୟାଳୟ, ତିଗିରିଆ, କଟକ


୨



**ଓଣ୍ଡ୍ରିଲା ସ୍ୱାଇଁ**
କ୍ଲାସ-୪, ସେଣ୍ଟ ଯୋଶେଫ ହାଇସ୍କୁଲ, ତିନିମୁହାଣି, କେନ୍ଦ୍ରାପଡା
୩

**ରୋନଭ ଅଗ୍ରୱାଲ**
କ୍ଲାସ- ୫, ଡିଏଭି ପବ୍ଲିକ ସ୍କୁଲ, ସିଡିଏ ସେକ୍ଟର-୬, କଟକ


୪



**ପ୍ରତ୍ୟାଶା ପାତ୍ର**
କ୍ଲାସ-୮, ମଦନପୁର ମହାବୀର ସରକାରୀ ଉଚ୍ଚ ବିଦ୍ୟାଳୟ, କେନ୍ଦ୍ରାପଡା
୫

**ସୂର୍ଯ୍ୟାଂଶୁ ବସ୍ତିଆ**
କ୍ଲାସ- ୧, ଦି ମଦର ପବ୍ଲିକ ସ୍କୁଲ, ବାଲିପାଟଣା, ଭୁବନେଶ୍ୱର


୬




**ଆଶୁତୋଷ ଚଇନି**
କ୍ଲାସ- ୨, ସେଣ୍ଟ ଜାଭିୟର ହାଇସ୍କୁଲ, ମାର୍ଶାଘାଇ, କେନ୍ଦ୍ରାପଡା
୭



୭

## ଗିନିକ୍ ୱାର୍ଲ୍ଡ ରେକର୍ଡ୍ସ




# ଜଗିଂବେଳେ ରୁବିକ୍ସ କ୍ୟୁବ୍ ସମାଧାନ

ରୁବିକ୍ସ କ୍ୟୁବ୍ ସମାଧାନ କରିବାକୁ ଅନେକେ ଚେଷ୍ଟା କରନ୍ତି। ହେଲେ ଏହି କାମକୁ ଜଣେ ଜଣେ ଏଭଳି ଭିନ୍ନ ଢଙ୍ଗରେ କରନ୍ତି ଯେ ଲୋକେ ଆଶ୍ଚର୍ଯ୍ୟ ହୁଅନ୍ତି। କେହି ଚାଲୁଥିବାବେଳେ ତ କେହି ସାଇକେଲ୍ ଚଲାଇବାବେଳେ କରିପାରନ୍ତି। ଏମିତି ଭିନ୍ନତା ଦେଖାଇଛନ୍ତି କଲମ୍ବିଆର ଆଞ୍ଜେଲ ଆଲଭାରାଡୋ। ଜଗିଂ କରିବା ସମୟରେ ସେ ରୁବିକ୍ସ କ୍ୟୁବ୍ ସମାଧାନ କରିପାରିଛନ୍ତି। ୨୦୨୨ ମସିହାରେ ଆଲଭାରାଡୋଙ୍କୁ ୧୯ ବର୍ଷ ହୋଇଥିବାବେଳେ ସେ ଏଭଳି ଦୁଇଟି କାମକୁ ଏକ ସଙ୍ଗେ କରିଥିଲେ। ୩ଟି ରୁବିକ୍ସ କ୍ୟୁବ୍‌କୁ ସେ ଜଗିଂ କରିବା ସହିତ ସମାଧାନ କରିପାରିଛନ୍ତି। ତା ପୁଣି ମାତ୍ର ୪ ମିନିଟ୍ ୩୧.୦୧ସେକେଣ୍ଡରେ। ଜଗିଂ ସହିତ ଏତେ କମ୍ ସମୟ ମଧ୍ୟରେ କ୍ୟୁବ୍ ସମାଧାନ କରିପାରିଥିବାରୁ ତାଙ୍କ ନାଁ ଗିନିଜ୍ ରେକର୍ଡରେ ସ୍ଥାନ ପାଇଛି। ତେବେ ଆଞ୍ଜେଲ ନିଜ ରେକର୍ଡକୁ ନିଜେ ଭାଙ୍ଗିଛନ୍ତି। ଏହା ପୂର୍ବରୁ ୧୩ ବର୍ଷ ବୟସରେ ସେ ଏଭଳି ଢଙ୍ଗରେ ୩ଟି କ୍ୟୁବ୍‌କୁ ୪ ମିନିଟ୍ ୫୨.୪୩ ସେକେଣ୍ଡରେ ସମାଧାନ କରିଥିଲେ।



# ହିମେ କାର୍ତ୍ତିକ ମାର୍ଗଶିର

ଶରତ ସରିଲା ହେମନ୍ତ ଆସିଲା
ସାଥିରେ ଶିଶିର ଆଣି
ସଞ୍ଜ ବେଳଠାରୁ ସକାଳ ପର୍ଯ୍ୟନ୍ତ
ଝରିବ କାକର ପାଣି।
ପାଣିକୁ ଦେଖିଲେ ଡର ମାଡୁଥିବ
ଭଲ ଲାଗୁଥିବ ଖରା
କୁହୁଡିର ଆସ୍ତରଣ ଦେଖାଯିବ
ଧୂଆଁଳିଆ ହେବ ଧରା।
ଖରିଫ ଫସଲ ଅମଳ ହୋଇବ
ଲକ୍ଷ୍ମୀ ଯିବେ ଘର ଘର
ରବି ଫସଲର ଚାଷ ଆରମ୍ଭିବ
ଚାଷୀ ହେବେ ତରବର।
ହେମନ୍ତ କାଳୀନ କୁସୁମ ଫୁଟିବେ
ସୁନ୍ଦର ଦିଶିବ ମହୀ
ହେମନ୍ତ କାଳୀନ ପରବ ଆସିବେ
ଏକ ପରେ ଆନ ରହି।
ଗରମ ଖାଦ୍ୟର ଆଦର ବଢ଼ିବ
ଗରମ ପାନୀୟ ଲୋଡ଼ା
ପବନ ବାଜିଲେ ଖାଦ୍ୟ ଥଣ୍ଡା ହେବ
ତୁରନ୍ତ ଏହାକୁ ଘୋଡ଼ା।
ହେମନ୍ତ କେମନ୍ତ ବିଦାୟ ଘେନିବ
ଏକଥା ଭାବିବା ନାହିଁ
ହେମନ୍ତ ପଛରେ ଶୀତ ଆସିଯିବ
ଆମେ ରହିଥିବା ଚାହିଁ।

**– ନିରଞ୍ଜନ ସାହୁ**
ମୋ: ୯୯୩୮୭୪୧୫୮୩

# ଶିଶିର ଆସିଲା ଥିରି ଥିରି

ଶିଶିର ଆସିଲା ଥିରି ଥିରି,
କାଶତଣ୍ଡୀ ଯାଏ ମରିମରି।
ବିଲେ ଧାନମାନ ଦିଶେ ଛନ ଛନ
ଧାନକେଣ୍ଡା ଦିଶେ କେରିକେରି।
ସଞ୍ଜ ଆସିଲାଣି ନଇଁ ନଇଁ,
ପବନ ବହୁଛି ସାଇଁ ସାଇଁ।
ପଦୁଅଁ ଫୁଲଟି ପୋଖରୀରେ ଫୁଟି
ଦୋହଲି କହୁଛି ନାଇଁ ନାଇଁ।
ଅନ୍ଧାର ଆସୁଛି କିଟିକିଟି,
ଆକାଶରେ ତାରା ମିଟିମିଟି।
ଯାହା ମୁଁ କହିବି ସତ ହିଁ କହିବି
କାନ୍ଥେ ଥାଇ କହେ ଝିଟିପିଟି।
ମେଘ ଘଡ଼ଘଡ଼ି ଘଡ଼ ଘଡ଼,
କାଦୁଅରେ ଗୋଡ଼ ସଡ଼ ସଡ଼।
ଭଲ ପାଠ ପଢ଼ ମନ ସରୁକର
ନିଜକୁ ନ କୁହ ବଡ଼ ବଡ଼।
ବହିଟିଏ ଧରି ବସ ବସ,
ମୁହଁ ଟିକି କର ହସ ହସ।

**– ଡ. ସଦାନନ୍ଦ ପରିଡ଼ା**
ମୋ: ୮୪୫୬୮୨୮୦୪୯

## କବିତା

# ମୋବାଇଲ୍‌କୁ ପଦେ

ମୋବାଇଲ ତୁ କି ନ କଲୁ
ଏତେ ଖାଇ ତୋର ଭୋକ ମେଣ୍ଟୁ ନାହିଁ
କ'ଣ ତୁ ଆଉ ବାକି ରଖିଲୁ।
ଟିଭି, ରେଡିଓକୁ ଚଲୁ କରିଦେଲୁ
ସିନେମା ହଲ୍‌କୁ ଭୁଲେଇ ଦେଲୁ।
ଖବର କାଗଜ ପଢା କମେଇଲୁ
ଗପ ଉପନ୍ୟାସ ସବୁ ଭୁଲାଇଲୁ।
ମାସିକ ପତ୍ରିକା ଛୋଟ ଗପବହି
ସବୁ ଖାଇ କେବେ ଶାନ୍ତି ନ ହେଲୁ।
ଆଈ, ଜେଜେମା' ଗପକୁ ଖାଇଲୁ
ନାନା ବାୟା ଗୀତ ପୋଡ଼ି ଖାଇଲୁ।
ଯୁବ ପିଢିଙ୍କର ସାଙ୍ଗ ହସ ଖୁସି
ଖାଇ କେବେ ତୁହି ଶାନ୍ତି ନ ହେଲୁ
ଡିକ୍ସିନାରି, କାଲ୍‌କୁଲେଟର୍‌କୁ ଖାଇ
ଲାଇବ୍ରେରିଟାକୁ ଗିଳିଯେ ଦେଲୁ।
ବୋମାକୁ ବି ତୁହି ଛାଡ଼ି ନ ଦେଲୁ
ମୋବାଇଲ୍ ତୁ କି ନ କଲୁ!


**– ମମତା ଦାଶ**
ଶହୀଦ ନଗର, ଭୁବନେଶ୍ୱର

# ଏଥରର

- ନାଜି ଦଳର ନେତା କିଏ ଥିଲେ ?
- ଜାପାନର ଜାତୀୟ ଖେଳ ?
- ୧୯୩୦ରେ କେଉଁ ଦେଶ ପ୍ରଥମେ ଫିଫା ବିଶ୍ୱକପ୍ ହାସଲ କରିଥିଲା ?
- ଆଧୁନିକ ଅଲିମ୍ପିକ୍ ଗେମ୍‌ରେ ପ୍ରଥମେ କେବେ ମହିଳାମାନେ ଅଂଶଗ୍ରହଣ କରିବାର ସୁଯୋଗ ପାଇଥିଲେ ?
- ବିଶ୍ୱର ଦ୍ରୁତତମ ବ୍ୟକ୍ତିଭାବେ କିଏ ପରିଚିତ ?

## ଗତଥରର ଉତ୍ତର

- ୧୯୧୨
- ସ୍ପୁଟନିକ୍
- ମିଙ୍ଗ୍ ରାଜବଂଶ
- ୧୯୮୯
- ଗ୍ରେଟ୍ ବ୍ରିଟେନ



# କହିଲ ଦେଖି




ନୁହେଁ ଶିଳ ଅବା ନୁହେଁ ଶିଳପା
ମସଲା ବାଟଇ ନ ହୋଇ ଖପ୍ପା
ଫଳ ମୂଳ ଖଣ୍ଡ ଭରତି କରି
ସୁଆଦିଆ ରସ କରେ ତିଆରି
କହିକି ପାରିବ ନାମ ତାହାରି ?

**ଉତ୍ତର: ଗ୍ରାଇଣ୍ଡର**



ମନୋରଞ୍ଜନର ମାଧ୍ୟମଟିଏ
ଦେଶ ଦୁନିଆର ଖବର ଦିଏ
ସିରିଏଲ୍ ଦେଖନ୍ତି ମାଆ ସେଥିରେ
କାର୍ଟୁନ୍ ଦେଖଇ ଭାଇ ଖୁସିରେ
କହିକି ପାରିବ ତା' ନାଁ କିଏରେ ?

**ଉତ୍ତର: ଟେଲିଭିଜନ**



ସୂର୍ଯ୍ୟ ଚନ୍ଦ୍ର ନୁହେଁ ଜିନିଷଟିଏ
ଅନ୍ଧାରକୁ ନାଶି ଦିଅଇ ସିଏ
ଚାଲେ ସେ ବିଦ୍ୟୁତ୍, ସୌର ଶକ୍ତିରେ
ଆଲୁଅକୁ ସିଏ ବିସ୍ତାର କରେ
କହିକି ପାରିବ ତା' ନାଁ କିଏରେ ?

**ଉତ୍ତର: ବଲ୍‌ବ**



କାନକୁହା ଯନ୍ତ୍ର ସିଏ ଅଟଇ
ସାରା ପୃଥିବୀରେ ଆଜି ମିଳଇ
ପିଲାଠୁ ବୁଢ଼ା ପ୍ରିୟ ସଭିଙ୍କର
କଥା ଲାଗି ହୁଏ ଥିଲେ ବି ଦୂର
କହିକି ପାରିବ ନାମ ତାହାର ?

**ଉତ୍ତର: ମୋବାଇଲ୍**

**– କ୍ଷମାନିଧି ଭୋଇ**
ସାଗୁନପାଲି, ତାଲବ, ଶାସନ, ସମ୍ବଲପୁର
ମୋ: ୯୪୩୮୨୯୨୯୩୩



## ଗାଁର ନାଁ ଏନ୍‌ଆର୍‌ଆଇ

**ଭା**ରତରେ ଏମିତି ଏକ ଗାଁ ରହିଛି, ଯେଉଁଠି ପ୍ରତ୍ୟେକ ପରିବାରର ଅତିକମ୍‌ରେ ଜଣେ ବିଦେଶରେ ରହୁଛନ୍ତି। ଏଥିପାଇଁ ଏହି ଗାଁକୁ 'ଏନ୍‌ଆର୍‌ଆଇ ଭିଲେଜ୍' କୁହାଯାଏ। ଆସ ଜାଣିବା ଆମ ଦେଶରେ କେଉଁଠାରେ ଏହି ଗ୍ରାମ ଅବସ୍ଥିତ। ଏହି ଗାଁଟି ଗୁଜରାଟର ଆନନ୍ଦ ଜିଲାରେ ଅବସ୍ଥିତ। ଉକ୍ତ ଗ୍ରାମର ନାମ ଧର୍ମାଜ୍। ଏହି ଗ୍ରାମର ଅଧିକାଂଶ ଲୋକ ଲଣ୍ଡନ, ଆମେରିକା ଏବଂ ୟୁରୋପୀୟ ଦେଶଗୁଡ଼ିକରେ ଏନ୍‌ଆରଆଇ ଭାବରେ ରହୁଛନ୍ତି। ଭାରତରେ ଜନ୍ମିତ ହୋଇ ଜଣେ ବ୍ୟକ୍ତି ଯଦି ବ୍ୟବସାୟ, ପାଠପଢ଼ା କିମ୍ବା କୌଣସି କାରଣରୁ ୧୮୨ ଦିନରୁ ଅଧିକ ଦିନ ବିଦେଶରେ ରୁହନ୍ତି ତାଙ୍କୁ ଏନ୍‌ଆର୍‌ଆଇ ବା ପ୍ରବାସୀ ଭାରତୀୟ ବୋଲି କୁହାଯାଏ। ଏଠାକାର କେତେକ ଏନ୍‌ଆର୍‌ଆଇ ବିଦେଶରେ ସ୍ଥାୟୀ ଭାବରେ ରହିବାକୁ ମନସ୍ଥ କରିବା ପରେ ସେହି ଦେଶର ନାଗରିକତ୍ୱ ଗ୍ରହଣ କରିବାର ଅନେକ ନଜିର ରହିଛି। ଗ୍ରାମବାସୀଙ୍କ ଏଭଳି ଗ୍ଲୋବାଲ ମାଇଗ୍ରେସନ୍ କାରଣରୁ ଏହି ଗାଁକୁ ଏପରି ନାମରେ ନାମକରଣ କରାଯାଇଛି।



## ଭାରତର ପ୍ରଥମ ରାଜ୍ୟ

ବିବିଧତାପୂର୍ଣ୍ଣ ଦେଶ ହେଉଛି ଭାରତ। ଦେଶର ପ୍ରତିଟି କୋଣ ଅନୁକୋଣରେ କିଛି ନୂଆ ଦେଖିବାକୁ ମିଳିଥାଏ। ଏଠାରେ ପ୍ରତ୍ୟେକ ରାଜ୍ୟ ତା'ର ଭାଷା ଏବଂ ସଂସ୍କୃତିକୁ ନେଇ ନିଜର ଏକ ପରିଚୟ ସୃଷ୍ଟି କରିପାରିଛନ୍ତି। ପିଲାମାନେ, ତୁମେ ଜାଣିଛ କି, ବର୍ତ୍ତମାନ ଆମ ଦେଶରେ ୨୮ରାଜ୍ୟ ଥିବାବେଳେ କେଉଁ ରାଜ୍ୟକୁ ସର୍ବପ୍ରଥମେ ରାଜ୍ୟର ମାନ୍ୟତା ମିଳିଥିଲା ? ତେବେ ଆନ୍ଧ୍ରପ୍ରଦେଶ ହେଉଛି ଆମ ଦେଶର ପ୍ରଥମ ରାଜ୍ୟ। ୧୯୫୩ ଅକ୍ଟୋବର ୧ ତାରିଖରେ ଏହାକୁ ପ୍ରଥମ ରାଜ୍ୟ ଭାବରେ ଘୋଷଣା କରାଗଲା। ଏହି ରାଜ୍ୟ ପ୍ରଥମେ ମାଡ୍ରାସର ଉତ୍ତର ଜିଲାଗୁଡିକରେ ଥିବା ତେଲୁଗୁ ଭାଷାଭାଷୀ ଲୋକଙ୍କୁ ନେଇ ଗଠିତ ହୋଇଥିଲା। ଏହାର ତିନି ବର୍ଷ ପରେ ଅର୍ଥାତ୍ ୧୯୫୬ ନଭେମ୍ବର ୧ତାରିଖରେ ତେଲେଙ୍ଗାନା ସହିତ ମିଶିବା ପରେ ଏହାକୁ ଏକ ପୂର୍ଣ୍ଣ ରାଜ୍ୟର ମାନ୍ୟତା ମିଳିଥିଲା।


## ସୂର୍ଯ୍ୟଙ୍କ ଅସଲ ରଙ୍ଗ

ପିଲାଏ! ଯଦି ତୁମକୁ କିଏ ପଚାରିବ ସୂର୍ଯ୍ୟଙ୍କ ରଙ୍ଗ କ'ଣ ? ତେବେ ଏହି ପ୍ରଶ୍ନର ଉତ୍ତରରେ ଅଧିକାଂଶ କହିବେ ହଳଦିଆ କିମ୍ବା ନାରଙ୍ଗୀ। ଏବେ ଆସ ଜାଣିବା ପ୍ରକୃତରେ ସୂର୍ଯ୍ୟଙ୍କ ରଙ୍ଗ କ'ଣ। ତୁମେମାନେ ଜାଣି ଆଶ୍ଚର୍ଯ୍ୟ ହେବ, ସୂର୍ଯ୍ୟଙ୍କ ପ୍ରକୃତ ରଙ୍ଗ ହଳଦିଆ କିମ୍ବା ନାରଙ୍ଗୀ ନ ହୋଇ ଧଳା ଦେଖାଯାଇଥାଏ। ଏହା ଅନ୍ତରୀକ୍ଷରେ ଦୃଶ୍ୟମାନ ହୋଇଥାଏ। ଅନ୍ତରୀକ୍ଷ ଯାତ୍ରୀମାନଙ୍କ ମତରେ ସୂର୍ଯ୍ୟ ଆକାଶରେ ଚମକୁଥିବା ଉଜ୍ଜ୍ୱଳ ତାରା ପରି ଦୃଶ୍ୟମାନ ହୋଇଥା'ନ୍ତି। ଅନ୍ୟପକ୍ଷରେ ପୃଥିବୀପୃଷ୍ଠରେ ସୂର୍ଯ୍ୟ କିନ୍ତୁ ହଳଦିଆ କିମ୍ବା ସୁନେଲୀ ରଙ୍ଗର ଦେଖାଯା'ନ୍ତି। ଆମ ବାୟୁମଣ୍ଡଳ ସୂର୍ଯ୍ୟଙ୍କ ଛୋଟ ନୀଳ ତରଙ୍ଗକୁ ଚାରିଆଡ଼କୁ ଖେଳାଇ ଦେଉଥିବାରୁ ଏହାର ରଙ୍ଗ ଏପରି ଦେଖାଯାଏ।



## ଆନାକୋଣ୍ଡା

ପିଲାଏ , ତୁମେ ଜାଣିଛ ଏପରି ଏକ ସାପ ରହିଛି ଯାହାକୁ ପୃଥିବୀର ବୃହତ୍ତମ ସାପ ବୋଲି କୁହାଯାଏ। ଏହି ସାପଟିର ନାମ ଗ୍ରୀନ୍ ଆନାକୋଣ୍ଡା। କିନ୍ତୁ ତୁମେମାନେ, ଜାଣିଛ କି ଏହି ଗ୍ରୀନ୍ ଆନାକୋଣ୍ଡା କେଉଁଠାରେ ଦେଖିବାକୁ ମିଳିଥାନ୍ତି। ଏହି ଗ୍ରୀନ ଆନାକୋଣ୍ଡା ବିଶେଷଭାବରେ ବ୍ରାଜିଲ୍ ଏବଂ ପେରୁରେ ଥିବା ଆମାଜାନ୍ ଜଙ୍ଗଲରେ ଦେଖିବାକୁ ମିଳିଥାଏ। ଏହି ସାପର ଓଜନ ପ୍ରାୟ ୨୫୦କିଲୋଗ୍ରାମ୍ ଏବଂ ଲମ୍ବ ୩୦ଫୁଟ୍‌ରୁ ଅଧିକ ହେବ। ଏମାନେ ପ୍ରାୟତଃ ବିଷହୀନ ହୋଇଥାନ୍ତି। ଉକ୍ତ ସାପଟି ଶୀକାରକୁ ନିଜ ଶରୀରରେ ଗୁଡାଇ ତାକୁ ଜିଅନ୍ତା ଗିଳିଦେଇଥାଏ। ଏମାନେ ପାଣି ଏବଂ ସନ୍ତସନ୍ତିଆ ସ୍ଥାନରେ ରହିବାକୁ ଅଧିକ ପସନ୍ଦ କରନ୍ତି।



# ଆଇନା





ଭିଭାନ ମହାନ୍ତି
୫ ବର୍ଷ/ କୋରାପୁଟ

ପ୍ରିୟଙ୍କା ପ୍ରିୟଦର୍ଶିନୀ ପାଇକରାୟ
୬ ବର୍ଷ/ଖୋର୍ଦ୍ଧା